
**ଅନ୍ତରଙ୍ଗ ଆଳାପ........**

# ଅଧ୍ୟାପକ ରଜତ କୁମାର କରଙ୍କ ସହ

( ଅଧ୍ୟାପକ ରଜତ କୁମାର କର, ଜଗନ୍ନାଥ ଚେତନା ଓ ଭଞ୍ଜ ସାହିତ୍ୟର ବିଶିଷ୍ଟ ବାଗ୍ମୀ ,ରାଜ୍ୟ ପାଲା ଗାୟକ ପରିଷଦର ସ୍ଥାୟୀ ସଭାପତି,କଳିଙ୍ଗଭାରତୀର ରାଜ୍ୟ ସଭାପତି। ତାଙ୍କ ସହ ସାକ୍ଷାତ କରିଛନ୍ତି ଡ ପ୍ରମୋଦ ଚନ୍ଦ୍ର ଦାଶ ।)

**ଅଧ୍ୟାପକ ରଜତ କୁମାର କର**
ପିତା- ସ୍ୱର୍ଗତ କୁଳମଣି କର
ମାତା- ସ୍ୱର୍ଗତା ଇନ୍ଦୁମତି କର
ଜନ୍ମ ତାରିଖ - ୦୨-୦୯-୧୯୩୪
ଜନ୍ମ ସ୍ଥାନ - କଟକ ମେହେନ୍ଦି ବଜାର



ଶ୍ରୀମତୀ ଶାନ୍ତଲତା କର ଓ ଶ୍ରୀଯୁକ୍ତ ରଜତ କୁମାର କର

*୧. ପ୍ରଶ୍ନ- ସାର୍ ଆପଣଙ୍କ ପିଲାଦିନର ଶିକ୍ଷା କିପରି ଥିଲା ?*

ଉ -ପିଲାଦିନେ ମୁଁ ପ୍ରାଥମିକ ବିଦ୍ୟାଳୟରେ ନ ପଢ଼ି ଚାଟଶାଳିରେ ପଢୁଥିଲି, ଯାହା ଗ୍ରାମ୍ୟ ଚାଟଶାଳୀ ନୁହେଁ କଟକ ସହରର ଚାଟଶାଳୀ। ସହରରେ ପ୍ରାଥମିକ ସ୍କୁଲ୍ କମ୍ ଥିବାରୁ ଗାଁରୁ ଅବଧାନମାନେ ଆସି ଏଠାରେ ଶିକ୍ଷା ଦେଉଥିଲେ । ମୋ ବାପା ସ୍ୱର୍ଗତ କୁଳମଣି କର କଟକର ମେହେନ୍ଦିପୀର ଭଳି ମୁସଲମାନ ବହୁଳ ଅଞ୍ଚଳରେ ଭଡାଘରେ ରହୁଥିଲେ। ମୋର ଜେଜେ ସ୍ୱର୍ଗତ ଗଣେଶ୍ୱର କରଙ୍କର ଇଚ୍ଛାକ୍ରମେ ସେହି ଭଡାଘର ସାମ୍ନାରେ ଥିବା ପୁରୁଣା ମାଟିବଂଶ ଅବଧାନ ଖୋଲିଥିବା ଚାଟଶାଳୀରେ ପଢ଼ିଲି । "ବନ୍ଦଇ ହରି ଦେବ ମୁରାରୀ- ଲକ୍ଷ୍ମୀଦେବୀଙ୍କର କାନ୍ତ"ଏହି ଗୀତ ଗାଇ ହାତରେ ଛୋଟ ବିସର୍ଜନ ମୂର୍ତ୍ତିଧରି ସରସ୍ୱତୀ ଓ ଗଣେଶ ପୂଜାରେ ଅଭିଭାବଙ୍କ ଘରଘର ବୁଲି ଅବଧାନଙ୍କ ପାଇଁ ଚାନ୍ଦା ଆଣୁଥିଲୁ । ପୁନଶ୍ଚ ପ୍ରତି ପିଲାଙ୍କ ଘରୁ ଅବଧାନଙ୍କ ପାଇଁ ସପ୍ତାହରେ ଦୁଇଥର ସିଧା (ଖାଦ୍ୟଦ୍ରବ୍ୟ) ଆସୁଥିଲା। ଏହାପରେ ଅଲିଶାବଜାରରେ ନିଜଘର ତିଆରି ପରେ ସେଠି ରହି ଦେବୀଘର ଚାହାଳୀରେ ପଢିଲି। ସେଠୁ ପଢି ପିଲାମାନେ ନିକଟସ୍ଥ ଡଗରପଡ଼ା ପ୍ରାଥମିକ ବିଦ୍ୟାଳୟରେ ୧ମ ଶ୍ରେଣୀରେ ନାମ ଲେଖାଉଥିଲେ। ଚାହାଳୀ ମାଷ୍ଟ୍ରେ ମତେ ସେଠାକୁ ନପଠାଇ ସିଧା ମିଶନ୍ ହାଇସ୍କୁଲ୍ ୪ର୍ଥ ଶ୍ରେଣୀକୁ ପଠାଇଥିଲେ ।

*୨. ସେ ସମୟର ପ୍ରାଥମିକ ଶିକ୍ଷା ଓ ଏବେକାର ପ୍ରାଥମିକ ଶିକ୍ଷା ମଧ୍ୟରେ ଅନେକ ପ୍ରଭେଦ। ମାତ୍ର ବର୍ତ୍ତମାନ ଶିକ୍ଷାରେ କ'ଣ ଅଭାବ ଆପଣ ଦେଖୁଛନ୍ତି ?*

ଉ - ସେକାଳର ପ୍ରାଥମିକ ଶିକ୍ଷକମାନେ ଛାତ୍ରମାନଙ୍କୁ ନିଜ ପୁଅଭଳି ଦେଖୁଥିଲେ। ପିଲାଙ୍କୁ ପାଠରେ ପକ୍କା କରିବାକୁ ମନପ୍ରାଣ ଢାଳି ଦେଉଥିଲେ। ପଢା ସମୟ ପରେ ମଧ୍ୟ ଘରୋଇଭାବେ ଅଧିକ ଯତ୍ନ ନେଉଥିଲେ। ବର୍ତ୍ତମାନ ସେ ବ୍ୟବସ୍ଥା ଆଉ ସୁଲଭ ହୋଇ ନାହିଁ ।

*୩. ପ୍ରାଥମିକ ଶିକ୍ଷା ବିଭାଗର ଜଣେ ପ୍ରଶାସକ ଭାବରେ ଆପଣ କାର୍ଯ୍ୟ କରିଛନ୍ତି, ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକର ଅଭିବୃଦ୍ଧି ଘଟୁଛି, ମାଗଣା ପ୍ରାଥମିକ ଶିକ୍ଷାର ସୁବିଧା ଆମର ଅଭିଭାବକମାନେ ନେଉ ନାହାଁନ୍ତି କାହିଁକି ?*

ଉ -ମୁଁ ବିଦ୍ୟାଳୟ ସମୂହର ପରିଦର୍ଶକ ଥିବା ସମୟରେ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ ଉପରେ ସବୁଠାରୁ ଜୋର ଦେଉଥିଲି । ଗୋଟିଏ ସ୍କୁଲ୍‌ରୁ ଅନ୍ୟ ଏକ ସ୍କୁଲ ଯିବାବାଟରେ ପଡୁଥିବା ସବୁ ସ୍କୁଲ ଅଚାନକ ପରିଦର୍ଶନ କରୁଥିଲି। ହସ୍ତାକ୍ଷର ଲେଖା, ପ୍ରତି ବିଷୟରେ ପ୍ରଶ୍ନୋତ୍ତର ସଂଶୋଧନ ଉପରେ ଜୋର ଦେଉଥିବାରୁ ପିଲାମାନଙ୍କ ଶିକ୍ଷାର ମାନବୃଦ୍ଧି ହେଉଥିଲା । ମୁଁ ଅଚାନକ ପରିଦର୍ଶନ କରୁଥିବାରୁ ପ୍ରାଥମିକ ସ୍କୁଲ ଦାୟିତ୍ୱରେ ଥିବା ସବ୍‌ଇନିସ୍ପେକ୍ଟରମାନେ ତାଙ୍କ ଦାୟିତ୍ୱ ଠିକ୍ ଭାବରେ ତୁଲାଉଥିଲେ। ତେଣୁ ଶିକ୍ଷାର ମାନ ବୃଦ୍ଧି ହେଉଥିଲା। ପରେ ମୁଁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ହେଲି। ଦୁଃଖର ସହ ମତେ କହିବାକୁ ପଡୁଛି ଯେ ବର୍ତ୍ତମାନ ସ୍କୁଲ ସମୂହର ପରିଦର୍ଶକ ଓ ଉପପରିଦର୍ଶକମାନେ ଆଉ ପରିଦର୍ଶନ ଉପରେ ଜୋର ଦେଉନଥିବାରୁ ବିଦ୍ୟାଳୟ ଶାସନ ହୁଗୁଳା ହୋଇ ଶିକ୍ଷାର ମାନ କମିବାରେ ଲାଗିଛି।

*୪. ପ୍ରଶ୍ନ- ଆଖି ଆଗରେ ସରକାରୀ ବିଦ୍ୟାଳୟ ଗୁଡ଼ିକର ଅଧପତନ ଦେଖିବାକୁ ଆମେମାନେ କେତେ ଧୈର୍ଯ୍ୟ ଧରି ଚୁପ ହୋଇ ରହିବା ?*

*ଆମର କର୍ତ୍ତବ୍ୟ କଣ ହେବା ଉଚିତ୍ ।*
ଉ – ପୂର୍ବରୁ ଏ ପ୍ରଶ୍ନର ଉତ୍ତର ମୁଁ ଦେଇ ସାରିଛି । ସରକାରୀ ବିଦ୍ୟାଳୟ ଗୁଡିକର ମାନବୃଦ୍ଧି ପାଇଁ ନିମ୍ନ କାର୍ଯ୍ୟକ୍ରମ ନିତାନ୍ତ ଜରୁରୀ ।

- ପ୍ରଧାନ ଶିକ୍ଷକ ବର୍ଷରେ ଅନ୍ତତଃ ଦୁଇଥର ପ୍ରତି ଶ୍ରେଣୀର ଶିକ୍ଷାଦାନ ସମୀକ୍ଷାକରି ତାକୁ ଲିପିବଦ୍ଧ କରିବେ।
- ପରିଦର୍ଶକ ସଂଖ୍ୟା ବୃଦ୍ଧି କରାଯାଇ ପରିଦର୍ଶନ ଉପରେ ଗୁରୁତ୍ୱ ଦେବା ଦରକାର ।
- ତା ସହିତ ଶ୍ରେଣୀରେ ପଛାଉଥିବା ଛାତ୍ରମାନଙ୍କ ଉନ୍ନତି ପାଇଁ ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବା ଦରକାର ।
- ବ୍ୟବସାୟିକ ଭିତ୍ତିରେ ଟିଉସନ୍‌କୁ ନିରୁତ୍ସାହିତ କରାଯିବା ଦରକାର। ବାରମ୍ବାର ଆକସ୍ମିକ ପରିଦର୍ଶନ ହୋଇ ବିଦ୍ୟାଳୟର ମାନ ନିର୍ଦ୍ଧାରଣ କରାଗଲେ ଶିକ୍ଷକମାନେ ଶିକ୍ଷାଦାନ ଉପରେ ଜୋର ଦେବେ ଓ ଟିଉସନ୍ ଦରକାର ହେବନି ।

*୫.ପ୍ରଶ୍ନ- ଜଣେ ଶିକ୍ଷାବିତ୍ ଭାବରେ ଆପଣଙ୍କ ଅଭିମତ ପାଇଁ ଧନ୍ୟବାଦ। ସାର୍ ଗୋଟିଏ କଥା ଆପଣ ଅର୍ଥନୀତିର ଅଧ୍ୟାପକ ମାତ୍ର ରୁଚି ସାହିତ୍ୟ, ଦର୍ଶନ ବିଶେଷ କରି ଜଗନ୍ନାଥ ଦର୍ଶନ। ଏତେ ଗଭୀରକୁ କିପରି ପଶିଲେ ?*
ଉ – ଆପଣ ଠିକ୍ ଲକ୍ଷ୍ୟ କରିଛନ୍ତି । ଜଗନ୍ନାଥଙ୍କ ଇଚ୍ଛାରେ ମୁଁ ଅର୍ଥନୀତି ଅଧ୍ୟାପକରୁ ଏନ୍‌ସିସି (**NCC**) ଶିକ୍ଷାର ସହକାରୀ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ ହେଲି । ତତ୍ପରେ ଅବସ୍ଥା ଚକ୍ରରେ ପ୍ରତ୍ୟକ୍ଷ ଶିକ୍ଷାଦାନକ୍ଷେତ୍ରକୁ ଫେରି ପାରିଲିନି । କଲେଜର ରିଡର ହେବାପାଇଁ ଆଠ ବର୍ଷର ଶିକ୍ଷାଦାନ ଅଭିଜ୍ଞତା ନିୟମ ଥିବାରୁ ସାଢେ ୬ବର୍ଷ ଅଭିଜ୍ଞତା ଥିବାରୁ ମୋର ନାମ **PSC**କୁ ପଠାଗଲାନାହିଁ । ମୋର ବହୁତ୍ ଆବେଦନ ନିବେଦନ ଶେଷରେ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆସିଲା ଓ ମୋର ନାମ ପ୍ରଶାସନିକ ତଥା ଶିକ୍ଷାଦାନ ପାଇଁ ସୁପାରିଶ୍ କରାଗଲା। **PSC** ମୋର ନାମ ବିଦ୍ୟାଳୟ ପରଦର୍ଶକ ଓ ରିଡର ପଦ ପାଇଁ ନିର୍ଦ୍ଦେଶ ଦେଲେ । ପରିଦର୍ଶକଭାବେ ମୁଁ କର୍ଯ୍ୟଦକ୍ଷତା ଓ ନିଷ୍ଠା ପ୍ରଦର୍ଶନ କରିବାରୁ ସରକାର ମୋତେ ଶିକ୍ଷାଦାନକୁ ନପଠାଇ ସେଠି ରଖିଲେ। ପରବର୍ତ୍ତୀକାଳରେ ମୁଁ ପ୍ରାଥମିକ ଶିକ୍ଷାର ନିର୍ଦ୍ଦେଶକ ହେଲି । ସ୍କୁଲରେ ପଢିବାବେଳୁ ମୋର ଓଡିଆ ସାହିତ୍ୟପ୍ରୀତି ତଥା ଉତ୍କଳର ପୂର୍ବ ଗୌରବ ପ୍ରତି ଶ୍ରଦ୍ଧା ସୃଷ୍ଟି କରିଥିଲେ କଳିଙ୍ଗ ଭାରତୀର ପ୍ରତିଷ୍ଠାତା ସ୍ୱର୍ଗତ ବିଚ୍ଛନ୍ଦଚରଣ ପଟ୍ଟନାୟକ ।

ଛାତ୍ରାବସ୍ଥାରୁ ଅଧ୍ୟାପକମାନଙ୍କ ସହ ଟକ୍କର ଦେଇ ଭଞ୍ଜଙ୍କ ବିଷୟରେ ବଡବଡ କଥା କହୁଥିବାରୁ ବିଚ୍ଛନ୍ଦବାବୁଙ୍କ ପରାମର୍ଶରେ ଓଡିଆ ନନେଇ ଅର୍ଥନୀତି ପଢି **M.A** କଲି । ଏହା ମୋର ଓଡିଆ ସାହିତ୍ୟପ୍ରୀତିର ମୂଳଭିତ୍ତି ।

*୬.ପ୍ରଶ୍ନ- ଆପଣଙ୍କ ରଥଯାତ୍ରାର ଧାରାବିବରଣୀ ସମସ୍ତଙ୍କ ମନକୁ ପାଇଥାଏ, ସତରେ ଯେପରି ଘରେ ବସି ଜଗନ୍ନାଥକୁ ଦେଖିଲା ପରି ଲାଗେ। ସତରେ କ'ଣ ଆପଣ ଜଗନ୍ନାଥଙ୍କ ସହ ଏକାଗ୍ରତାରେ ମିଶିଯାଆନ୍ତି ଆଉ ହଜିଯାଆନ୍ତି ?*
ଉ – ଆପଣଙ୍କ ଭଳି ବୁଦ୍ଧିଜୀବୀ ମୋର ଧାରାବିବରଣୀର ଜଣେ ପ୍ରିୟଶ୍ରୋତା ହୋଇଥିବାରୁ ମୁଁ ଗର୍ବ ଅନୁଭବ କରୁଛି । ୧୯୫୯ ମସିହାରୁ ଏଯାବତ୍ ମୁଁ ପ୍ରଥମେ ରେଡିଓ ଓ ପରେ **TV** ଧାରାବିବରଣୀ ଦେଇ ଆସୁଛି । ତାହା ଜରିଆରେ ଜଗନ୍ନାଥଙ୍କୁ ଦେଖି , ତାଙ୍କ ସମ୍ବନ୍ଧରେ ଉପଲବ୍ଧ ମହିମା ବର୍ଣ୍ଣନା କରି ଓଡିଶାର ଅଗଣିତ ଶ୍ରୋତାଙ୍କଠାରୁ ଦୀର୍ଘ ୫୪ବର୍ଷହେଲା ମୁଁ ଯେଉଁ ଶ୍ରଦ୍ଧା ପାଇଛି ତାହା କେବଳ ସେହି ପ୍ରଭୁ ଜଗନ୍ନାଥଙ୍କ କରୁଣାର ଫଳ। ବାଲ୍ୟ କାଳରୁ ମୋ ମା ତାଙ୍କ କଥା କହି ତାଙ୍କ ଆଡକୁ ମତେ ଆକୃଷ୍ଟ କରାଇଥିଲେ। ଯାହାଫଳରେ ଏହି ପରିଣତ ୮୦ବର୍ଷ ବୟସରେ ମଧ୍ୟ ମୁଁ ତାଙ୍କ କଥା କହୁଛି ଓ ଜଣାଣ ଗାଉଛି। ଆପଣଙ୍କ ଭାଷାରେ ମୁଁ ଯଦି ମଜ୍ଜିଯାଉଥାଏ ତେବେ ତାହା ସେହି କୃପାମୟଙ୍କ କୃପା ।

*୭. ପ୍ରଶ୍ନ- ଆପଣ ପାଲା ଗାୟକ ପରିଷଦର ସ୍ଥାୟୀ ସଭାପତି। ଓଡ଼ିଶାର ପାଲା ପ୍ରତି ଲୋକଙ୍କର ଆଗ୍ରହ ଅଛି ନା କମିଛି ?*
ଉ – ପାଲାପ୍ରତି ଯେଉଁ ଆଗ୍ରହ ମୋ ପିଲାବେଳେ ଦେଖିଥିଲି ତାହା ମଝିରେ ସମ୍ପୂର୍ଣ୍ଣ ଶିଥିଳ ହୋଇଯାଇଥିଲା। ରେଡିଓ ଓ **TV**ର ବହୁଳ ପ୍ରଚଳନ ହେତୁ ପାଲାର ମନୋରଞ୍ଜନ ଜରିଆରେ ସାହିତ୍ୟଚର୍ଚ୍ଚା ଭୂମିକା ସହଜ ହେଲା ନାହିଁ। ଏବେ ମନୋବୃତ୍ତିରେ କିଛି ପରିବର୍ତ୍ତନ ଆସିବା ପରି ଲାଗୁଛି । ଶିକ୍ଷିତ ସମ୍ପ୍ରଦାୟଙ୍କ ଦୃଷ୍ଟି ଆକର୍ଷିତ ହେବାପରି ଲାଗୁଛି ।

*୮. ପ୍ରଶ୍ନ- ଆପଣ ପାଲା ଦେଖିବାକୁ ଭଲ ପାଆନ୍ତି ? ଯଦି ହଁ ତେବେ କାହିଁକି ?*
ଉ – ଏ କଥା ମୁଁ ପୂର୍ବରୁ ସୂଚନା ଦେଇଛି । ଏହା କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ । ଏହା ସାହିତ୍ୟ ସଂସ୍କୃତିର ରସପୂର୍ଣ୍ଣ ପ୍ରକାଶ ଜାଣି ମୁଁ ତାହା ଦେଖିବାକୁ ଭଲ ପାଏ ।

*୯. ପ୍ରଶ୍ନ- ଆପଣ ଅନେକ ପୁସ୍ତକ ରଚନା କରିଛନ୍ତି। କେଉଁ ପୁସ୍ତକଟି ଆପଣଙ୍କୁ ବହୁତ ଆନନ୍ଦ ଦେଇଛି ? ସାହିତ୍ୟର କେଉଁକେଉଁ ବିଭାଗରେ ଆପଣ ହାତ ଦେଇଛନ୍ତି ।*
ଉ- ଯେ କୌଣସି ଲେଖକ ତାର ଆଦ୍ୟାବସ୍ଥାରେ କବିତାରେ ହାତ ଦେଇଥାଏ। ମୁଁ ମଧ୍ୟ ୧୦ମ ଶ୍ରେଣୀରୁ କବିତା ଲେଖିବା ଆରମ୍ଭ କରି ଥିଲି। ବିଚ୍ଛନ୍ଦବାବୁଙ୍କ ପ୍ରଭାବରେ ମୋର ରାଗରାଗୀଣିପୂର୍ଣ୍ଣ କବିଜୀବନ ଆରମ୍ଭ ହୋଇଥିଲା। ସେହି୧୦ମଶ୍ରେଣୀରେ ପ୍ରଥମେ ଗାନ୍ଧିଙ୍କ ମୃତ୍ୟୁ ଉପଲକ୍ଷେ ସଚ୍ଚାଭକ୍ତ ନାମରେ ଗୋଟିଏ ଗାନ୍ଧୀଭକ୍ତ ଧୋବାର କାହାଣି ଲେଖିଥିଲି। ଉତ୍କଳ ପ୍ରସଙ୍ଗରେ ଏହା ପ୍ରକାଶିତ ହୋଇଥିଲା। ଏହାର ପାଠକୀୟ ମତ ଅତ୍ୟନ୍ତ ଅନୁକୂଳ ହେବାରୁ ଗଳ୍ପ ଲେଖାଚାଲିଲା । କାଳିନ୍ଦୀ ପାଣିଗ୍ରାହୀ, ରାଧାନାଥ ରଥ ସମ୍ପାଦିତ ମାସିକ ପତ୍ରିକା 'ସତ୍ୟବାଦୀ'ରେ ଗାଳ୍ପିକ ସ୍ୱୀକୃତି ପାଇଲା ବେଳକୁ ନାଟକ ପାଇଁ ମନ ବଳିଲା। ଆଇ.ଏ ପଢିବାବେଳେ ବେତାର ନାଟକ 'ସିପାହୀ ବିଦ୍ରୋହ' ରେ ଅଭିନୟ କରୁଥିଲି । ଏଥିରେ ଚନ୍ଦନ ହଜୁରୀ ଭୂମିକା ନଥିବାର ପ୍ରତିବାଦ କଲି । ମୋର ସମଧର୍ମୀ ଅଭିନେତାମାନଙ୍କ ଉତ୍ସାହରେ ପ୍ରଥମ ନାଟକ 'ଚନ୍ଦନହଜୁରୀ'ଲେଖିଲି ଓ ସଫଳତାର ସହ ଏହା ପ୍ରଚାରିତ ହେଲା । ମୁଁ ନାଟକ ଲେଖାରେ ମାତି ଗଲି। କବିସମ୍ରାଟ, ସୁରେନ୍ଦ୍ର ସାଏ ,ସଳିତା, ଅନ୍ଧପୁତୁଳି, ଆଦି ନାଟକ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରି ବ୍ୟବସାୟିକ

ମଞ୍ଚରେ ବହୁଦିନ ଚାଲିଥିଲା। ସମୁଦାୟ ୭ଟି ନାଟକ ଲେଖିଛି। ମାତ୍ର ଦୁଃଖ ରହିଗଲା ଯେ ବିଭିନ୍ନ ପତ୍ରପତ୍ରିକାରେ ଅନେକ ଗଳ୍ପ ପ୍ରକାଶିତ ହୋଇ ଥିଲେ ମଧ୍ୟ ତାକୁ ଏକତ୍ର ପ୍ରକାଶ କରି ନପାରିବାରୁ ମୁଁ ଆନୁଷ୍ଠାନିକ ଗାଳ୍ପିକ ହୋଇ ପାରିଲି ନାହିଁ।ପତ୍ରପତ୍ରିକାରେ ଅନେକ ପ୍ରବନ୍ଧ ଲେଖିଛି। ଭାରତୀୟ ସଂସ୍କୃତି ଭିତ୍ତିକ ଗୋଟିଏ ବହି 'ଭାରତ ଦୀପ୍ତି' ପ୍ରକାଶିତ ହୋଇଛି । ଜଗନ୍ନାଥ ଓ ଭଞ୍ଜଙ୍କ ସମ୍ବନ୍ଧୀୟ ପ୍ରବନ୍ଧପୁସ୍ତକ ଜନଜୀବନରେ ଜଗନ୍ନାଥ, ଜନମାନସରେ ଭଞ୍ଜ, ଜଗନ୍ନାଥ ଅନୁଭୂତି ସମ୍ବଳିତ 'ଅନନ୍ୟ ଜଗନ୍ନାଥ' ପ୍ରକାଶିତ ଓ ବହୁ ଆଦୃତ । ଆତ୍ମଜୀବନୀ ଲେଖା ଚାଲିଛି । ୩ଟି ଜଗନ୍ନାଥ ଭଜନ ପୁସ୍ତକ ପ୍ରକାଶିତ। ପାଠକୀୟ ସ୍ୱୀକୃତି ପାଇଥିଲେବି ମୁଁ ତଥାକଥିତ ପ୍ରତିଷ୍ଠିତ ଲେଖକମାନଙ୍କ ଭିତରେ ଅଛି କି ନା ଜାଣେନା ।




*୧୦. ଆପଣଙ୍କର ଘରୋଇ ଜୀବନରେ ମ୍ୟାଡାମ୍ ଆପଣଙ୍କୁ ଏସବୁ କାର୍ଯ୍ୟରେ କିପରି ସାହାଯ୍ୟ କରନ୍ତି?*

ଉ – ମୋର ଧର୍ମପତ୍ନୀ ଘରର ସମସ୍ତ ଦାୟିତ୍ୱ ନିଜ ମୁଣ୍ଡ ଉପରକୁ ନେଇଥିବାରୁ ମୁଁ ସାହିତ୍ୟ, ସଂସ୍କୃତି ସେବାରେ ଲାଗିଛି । ପ୍ରଶାସନିକ ସେବାରେ ବ୍ୟସ୍ତ ରହି ପିଲାମାନଙ୍କ ଶିକ୍ଷାପ୍ରତି ଦୃଷ୍ଟି ଦେଇ ପାରିନି। ଏହି ପରିପ୍ରେକ୍ଷୀରେ ସହଧର୍ମିଣୀ ଶ୍ରୀମତୀ ଶାନ୍ତି ଦେବୀଙ୍କ ଭୂମିକା ତାତ୍ପର୍ଯ୍ୟପୂର୍ଣ୍ଣ । ସେ ପିଲାମାନଙ୍କୁ ସମାଜରେ ପ୍ରତିଷ୍ଠିତ କରାଇଛନ୍ତି ।

*୧୧.ପ୍ରଶ୍ନ- ପରିବାରର ଚାପ ଆପଣଙ୍କୁ ନିଜର ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ କେବେ ହୋଇ ନାହିଁ?*

ଉ- ପୂର୍ବରୁ କହିଛି ଯେ ପରିବାର ମତେ କୌଣସି ଚାପ ଦେଇ ନାହିଁ। ବରଂ ମୋ ପାଇଁ ପରିବାର ଚାପରେ ପଡ଼ିଛି ।

*୧୨.ପ୍ରଶ୍ନ- ଆଗାମୀ ଦିନରେ ପ୍ରକାଶ ପାଇବାକୁଥିବା ପୁସ୍ତକଟିର ନାମ କ'ଣ? ଏହାକୁ କିପରି ପ୍ରକାଶ କରିବାକୁ ଚିନ୍ତା କରିଛନ୍ତି ?*

ଉ- ମୁଁ ପୂର୍ବରୁ ଏହା କହିଛି । ନାଟକ ପ୍ରକାଶ ଦିଗରେ ଆଉ ପ୍ରକାଶକମାନଙ୍କର ଆଗ୍ରହ ନାହିଁ। କାରଣ ନାଟକ କେହି ଦେଖୁ ନାହାନ୍ତି। ବର୍ତ୍ତମାନ ଯାତ୍ରା ଜମାନା। ଗଳ୍ପ ସଂଗ୍ରହ ମୋଠୁ କେହି ନେବେ କି ନା ଜାଣେନା । ହୁଏତ ତାର ଆଦର ନାହିଁ । ମାତ୍ର ପ୍ରବନ୍ଧ ଲେଖା ଛାପିବାକୁ ପ୍ରକାଶକ ମାନେ ଆଗ୍ରହୀ , ତେଣୁ ଆଗାମୀ ଦିନରେ ମୋର କେତେକ ପ୍ରବନ୍ଧ ପୁସ୍ତକ ପ୍ରକାଶିତ ହେବ ।

*୧୪.ପ୍ରଶ୍ନ- ବୟସ ଆପଣଙ୍କ ଆଗରେ ହାର ମାନିଛି। ଏବେବି ଆପଣ କର୍ମଠ ଏବଂ ତତ୍ପର। ଭବିଷ୍ୟତ କବି ଲେଖକମାନଙ୍କୁ ଆପଣଙ୍କର କ'ଣ ସନ୍ଦେଶ ରହିବ?*

ଉ-ମୁଁ ପରିଣତ ବୟସରେ କର୍ମଠ ରହିବାର ଶ୍ରେୟ ପ୍ରଭୁ ଜଗନ୍ନାଥ ଓ ମୋର ସଦ୍‌ଗୁରୁଙ୍କ କରୁଣାରୁ ବୋଲି ମୁଁ ବିଶ୍ୱାସ କରେ । ଗୁରୁ କୃପାରୁ ମୁଁ ଜୀବନ ପ୍ରତି ସକାରାତ୍ମକ ଆଭିମୁଖ୍ୟ ସ୍ଥିର ରଖିଛି। ମୃତ୍ୟୁକୁ ଭୟ-ନକରି ଜୀବନକୁ ସହଜ ସୁନ୍ଦର ଓ ପରମପିତାଙ୍କ ସେବାର ଅନୁକୂଳ କରିବାର ଭାବନା ମତେ ସବୁ ସମୟରେ ବଳ ଦେଉଛି। ଗୀତାରେ ଭଗବାନ ଶ୍ରୀକୃଷ୍ଣଙ୍କ ଅନୁମୋଦିତ ସାତ୍ତ୍ୱିକ ଖାଦ୍ୟ ଗୁରୁ ନିର୍ଦ୍ଦେଶରେ ଆମ ପରିବାର ଗ୍ରହଣ କରୁଛି। ଖାଦ୍ୟ ଓ ଚିନ୍ତା ଉଭୟକୁ ସାତ୍ତ୍ୱିକ କରି ନିଜର ଲେଖନୀ ଚାଳନା କରିବା ପାଇଁ ମୁଁ ପରବର୍ତ୍ତୀ ପିଢ଼ିଙ୍କୁ ଅହ୍ୱାନ କରୁଛି।

*୧୫.ପ୍ରଶ୍ନ- 'ଆମରିସତ୍ୟ'ପତ୍ରିକାର ଉନ୍ମୋଚନ ଉତ୍ସବର ଆପଣ ମୁଖ୍ୟ ଅତିଥି ଥିଲେ। ଏବେ ଏହା ପଞ୍ଚମ ବର୍ଷରେ ପହଞ୍ଚିଛି। ଆର୍ଥିକ ଦୁରାବସ୍ଥା ଦେଇ ଏହା ଗତି କରୁଛି। ମାତ୍ର ଶିକ୍ଷା, ସଂସ୍କୃତି ଓ ପରମ୍ପରାର ବାର୍ତ୍ତାନେଇ ଆଗେଇ ଚାଲିଛି। ଏହାର ଭବିଷ୍ୟତକୁ ଆପଣ କିପରି ଦେଖୁଛନ୍ତି?*

ଉ – ଆପଣଙ୍କ ସହ କଥୋପକଥନ ବେଳେ ମୁଁ ଏହାର ସ୍ଥିତି ଜାଣିବା ପାଇଁ ଚାହୁଁଥିଲି। କାରଣ ମୁଁ ନିଜେ 'ନିର୍ଭୀକ' ନାମରେ ପତ୍ରିକା ବାହାର କରୁଥିଲି । ସମ୍ପାଦକ ମୋର ଅନୁଜ ଶରତ କର ଓ ପୃଷ୍ଠପୋଷକ ଅନ୍ୟ ଜଣେ ଅନୁଜ ପ୍ରଭାତ କର। ବାପାଙ୍କ ପ୍ରେସ୍‌ରେ ଏହା ଛପା ଯାଉଥିଲା। ତଥାପି ବଞ୍ଚାଇ ରଖି ପାରିନାହିଁ। ତେଣୁ ପତ୍ରିକା ଚଳାଉଥିବା ସମ୍ପାଦକମାନଙ୍କ ପ୍ରତି ମୋର ଅସୀମ ସମବେଦନା। ଆପଣ ମତେ ଉଦ୍‌ଘାଟନ କରିବାକୁ ଡାକିଥିଲେ । ଆଲୋଚନାରୁ ଜାଣିଲି ଆର୍ଥିକ ବୋଝ ଭିତରେ ସାହିତ୍ୟ ସାଧନା ଜାରି ରଖିଛନ୍ତି । ପରମପିତାଙ୍କୁ ପ୍ରାର୍ଥନା ପାଠକମାନେ ଯଥା ସମୟରେ ପୃଷ୍ଠପୋଷକତା ଯୋଗାଇ ଦିଅନ୍ତୁ । ସାହିତ୍ୟର ବିଭିନ୍ନ ଦିଗରେ ଉନ୍ନତ ଲେଖାମାନ ପ୍ରକାଶ କରି ଆପଣ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତିକୁ ସେବା କରିବାରେ ସମର୍ଥ ହୁଅନ୍ତୁ । ଓଡ଼ିଆ ଭାଷାର ବିକାଶ ପାଇଁ ଆମେ ଓଡ଼ିଆ ପତ୍ରପତ୍ରିକା ପଢୁନାହିଁ କି କିଣୁ ନାହିଁ। ମାଗି କରି ବା କିଏ ମାଗଣାରେ ଦେଲେ ପଢୁ । ଏପରି ମାନସିକତାରେ ଆମ ଓଡ଼ିଆ ବିଦ୍ୟାଳୟ ଓ ଓଡ଼ିଆ ଭାଷାର ବିକାଶ କିପରି ହେବ। ତାହା ଏକ ପ୍ରଶ୍ନବାଚୀ।

ତଥାପି ଏ ପତ୍ରିକାର ବିକାଶ ଆପଣଙ୍କ ପରି ଜ୍ଞାନୀ ଗୁଣୀ ଏବଂ ଭଲ ମଣିଷମାନଙ୍କ ସହଯୋଗ ଯୋଗୁ ସମ୍ଭବପର ହୋଇପାରିଛି।

ଶେଷରେ ଆମକୁ ସାକ୍ଷାତକାର ପାଇଁ ସମୟ ଦେଇଥିବାରୁ ଆଉ 'ଆମରିସତ୍ୟ'କୁ ଭଲ ପାଉଥିବାରୁ 'ଆମରିସତ୍ୟ' ପରିବାର ତରଫରୁ ଆପଣଙ୍କୁ ହାର୍ଦ୍ଦିକ କୃତଜ୍ଞତା।